# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 June– 2026**

# ଏସ୍‌ଆଇଆର୍‌

ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍‌ଆଇଆର୍ ଅଭିଯାନ ଆସନ୍ତା ରବିବାର ଦିନ ଶେଷ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ସୁଦ୍ଧା ୩ କୋଟି ୩୩ଲକ୍ଷ ୭ହଜାର ୫୪୫ଜଣ ଭୋଟର ପରିଗଣନା ଫର୍ମ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ୩କୋଟି ୧୩ଲକ୍ଷ ୪୨ହଜାରରୁ ଅଧିକ ଭୋଟରଙ୍କର ତଥ୍ୟ କମ୍ପ୍ୟୁଟରୀକରଣ କରାଯାଇଛି ।

# ଜନଗଣନା

ରାଜ୍ୟରେ ପ୍ରଥମପର୍ଯ୍ୟାୟ ଜନଗଣନା ସଫଳତାର ସହ ଶେଷ ହୋଇଛି ବୋଲି ଜନଗଣନା ଅଭିଯାନର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ କହିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ କଲ୍ୟାଣ କହିଛନ୍ତି ପ୍ରଥମ ପର୍ଯ୍ୟାୟ ଗୃହତାଲିକା ଓ ଆବାସ ଜନଗଣନା ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହୋଇ ମଇମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିସହିତ ସ୍ୱ-ଜନଗଣନା କାର୍ଯ୍ୟକ୍ରମ ଏପ୍ରିଲ ପହିଲାରୁ ଏପ୍ରିଲ ମାସ ୧୫ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃୟାରୀ ମାସରେ

ଆରମ୍ଭ ହେବ ବୋଲି ଜନଗଣନା ଅଭିଯାନର ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ କହିଛନ୍ତି ।

# ପରିଗଣନା

ଗଞ୍ଜାମ ଜିଲ୍ଲାର ୩ହଜାର ୧୨୪ଟି ମତଦାନ କେନ୍ଦ୍ର ମଧ୍ୟରୁ ୨ହଜାର ୫୦୩ଟି ବୁଥ୍‌ରେ ପରିଗଣନା ଫର୍ମ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟରୀକରଣ କରାଯାଇଛି ବୋଲି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି । ଜିଲ୍ଲାର ମୋଟ୍ ୮୦ ପ୍ରତିଶତ ବୁଥ୍‌ରେ ପରିଗଣନା ଫର୍ମ ସମ୍ପୂର୍ଣ୍ଣ ହୋଇଥିବାରୁ ଏଥିରେ ସଂପୃକ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ପରିଗଣନା ପ୍ରଥମସ୍ଥାନ

ପରିଗଣନା ଫର୍ମ କମ୍ପ୍ୟୁଟରୀକରଣ କାର୍ଯ୍ୟକୁ ସଫଳତାର ସହ ଶେଷ କରି ମାଲକାନଗିରି ଜିଲ୍ଲା ରାଜ୍ୟରେ ପ୍ରଥମସ୍ଥାନ ହାସଲ କରିଛି । ଏହି ସଫଳତା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେସ୍ ଅରବିନ୍ଦ ରାଜସିର୍‌କେ ଏହି କାର୍ଯ୍ୟରେ ନିୟୋଜିତ କର୍ମକର୍ତ୍ତାଙ୍କୁ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରିଛନ୍ତି ।

# ଛାତ୍ରୀଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍

ରାଜ୍ୟର ସରକାରୀ ବିଦ୍ୟାଳୟରେ ପଢୁଥିବା ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ମିଳିବ । ଏନେଇ ଓଡ଼ିଶା

ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଅଧୀନସ୍ଥ ସମସ୍ତ ସରକାରୀ ବିଦ୍ୟାଳୟର ଶିଶୁବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେବ ।

# ନିଶା ନିବାରଣ-ତଥ୍ୟ ଦାଖଲ

ରାଜ୍ୟରେ ନିଶା ନିବାରଣ କେନ୍ଦ୍ର ଗୁଡ଼ିକରେ ଘଟୁଥିବା ମୃତ୍ୟୁ ଏବଂ ଆର୍ଥିକ ଅନିୟମିତତା ଭଳି ପ୍ରସଙ୍ଗକୁ ନେଇ ସମସ୍ତ ନିଶା ନିବାରଣ କେନ୍ଦ୍ରର ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରିବାକୁ ସରକାର କହିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଟ୍ରେନ୍ ଚଳାଚଳ

ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରାକୁ ସୁନିଶ୍ଚିତ କରିବା ଏବଂ ଅତିରକ୍ତ ଭିଡ଼କୁ ହ୍ରାସ କରିବା ପାଇଁ ପୂର୍ବତଟ ରେଳପଥ ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଆଜି ରାତି ୧୧ଟାରେ ଭୁବବନେଶ୍ୱରରୁ ଛାଡିବାକୁ ଥିବାବେଳେ ଜୁନ୍ ୨୮ ତାରିଖ ସକାଳ ୯ଟାରେ ପହଞ୍ଚିବ ।

# ବିକାଶଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକରେ ବିକାଶଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମୋବାଇଲ ଫୋନ୍ ଅଙ୍ଗନବାଡି କର୍ମୀଙ୍କୁ ବଣ୍ଟନ କରାଯାଇଥିଲେ ।

# ସମୀକ୍ଷା ବୈଠକ

କୋରାପୁଟ ସହରସ୍ଥିତ ସଦ୍‌ଭାବନା ସଭାଗୃହଠାରେ ରାଜ୍ୟ ସରକାରଙ୍କ ନୋଡାଲ ସଚିବ ଆର୍‌.ଏସ୍. ଗୋପାଳନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନିଶା ନିବାରଣ ଦିବସ

ସମାଜକୁ ନିଶାମୁକ୍ତ କରିବା ଏବଂ ଅବୈଧ ମାଦକଦ୍ରବ୍ୟ କାରବାର ବିରୋଧରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଅବୈଧ ନିଶାଦ୍ରବ୍ୟ କାରବାର ବିରୋଧୀ ଦିବସ ପାଳନ କରାଯାଉଛି ।

ମାନସିକ ସ୍ୱାସ୍ଥ୍ୟ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ସହ ମାଦକଦ୍ରବ୍ୟ ଏବଂ ଅପରାଧ ସମ୍ବନ୍ଧୀୟ ମାମଲାକୁ ଲକ୍ଷ୍ୟରେ ରଖି ଚଳିତ ବର୍ଷ ଏହି ଦିବସର  ବିଷୟବସ୍ତୁ ରହିଛି 'ପ୍ରମାଣ ସ୍ପଷ୍ଟ-ପ୍ରତିକାର ଉପରେ ବିନିଯୋଗ କରନ୍ତୁ' ।

ନିଶାଦ୍ରବ୍ୟ ସେବନ କେବଳ ବ୍ୟକ୍ତିର ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେନାହିଁ ବରଂ ପରିବାର, ସମାଜ ଓ ଜାତିର ଉନ୍ନତିରେ ବାଧା ସୃଷ୍ଟି କରେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୁବପିଢ଼ୀଙ୍କୁ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି । ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ କରି ଯୁବ ସମାଜକୁ ନିଶାର କୁ-ପ୍ରଭାବକୁ ସୁରକ୍ଷିତ ରଖିବା ସହ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଚଣ୍ଡିଗାଁ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ଅଧିକାର, କିଶୋର ନ୍ୟାୟ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ ।

# ଦୌଡ଼କୁଦ ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଅନ୍ତଃରାଜ୍ୟ ଆଥଲେଟିକ୍ସ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ସ୍ୱର୍ଣ୍ଣପଦକ ଜିତିବା ସହ ଏସୀୟ କ୍ରୀଡ଼ାଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଅନିମେଶ ୨୦ ପଏଣ୍ଟ ୭/୪ ସେକେଣ୍ଡରେ ଏହି ସଫଳତା ହାସଲ କରିଛନ୍ତି । ମହିଳା ୧୦୦ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ କାଂସ୍ୟ ପଦକ ହାସଲ କରିବା ସହ ଏସୀୟ କ୍ରୀଡ଼ାଲାଗି ଯୋଗ୍ୟତା ହାସଲ କରିଛନ୍ତି । ପୁରୁଷ ଡେକାଥଲନରେ ଓଡ଼ିଶାର ଯଶବୀର ନାୟକ ୭ହଜାର ୧୩୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି ।